ଭଦ୍ରକରେ ନିର୍ବାଚନ ବେଳେ ବଣ୍ଟା ଯାଇଥିବା ବିଷାକ୍ତ ମଦ ମୃତ୍ୟୁ ପ୍ରସଙ୍ଗ

ବିଷାକ୍ତ ମଦ ବାଣ୍ଟିଥିବା ଘଟଣାରେ ସାମିଲ ବିଜେଡି ନେତାଙ୍କୁ କାହିଁକି ଗିରଫ କରାଯାଉନାହିଁ : ବିଜେପି

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା
ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ
CHIEF ELECTORAL OFFICER, ODISHA
HOME (ELECTIONS) DEPARTMENT

ଭୁବନେଶ୍ୱର, ୧୦/୫ (ଶ୍ରୁ.ମି) : ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନୀ ମଣ୍ଡଳୀରେ ଭୋଟ ହାତେଇବା ପାଇଁ ଶାସକ ବିଜେଡିର ନେତା ଓ ବିଧାୟକ ପାର୍ଥୀ ବିଷାକ୍ତ ମଦ ତିହିଡି ବ୍ଲକରେ ବାଣ୍ଟିଥିଲେ । ଏହାକୁ ପିଇ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱଲୋକ ଏବେବି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଭଦ୍ରକ ଓ ବାଲେଶ୍ୱର ଅଂଚଳରେ ବିଜେଡିର ନେତାମାନେ ଚୋରା ମଦ କାରବାର କରୁଥିବାର ପ୍ରମାଣ ପୋଲିସ ପାଖରେ ଆଗରୁ ଅଛି । ବାଲେଶ୍ୱର ଜିଲ୍ଲାର ସୋର, ସିମୁଳିଆ, ନିଳଗିରି, ଜଳେଶ୍ୱର, ଭୋଗରାଇ ଓ ରେମୁଣା ଏବଂ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଓ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ସରକାରୀ ପୋଷାହନରେ ବିଜେଡି ନେତାମାନେ ନକଲି ବିଦେଶୀ ମଦକୁ ବିକ୍ରି କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ଯାହାକି ଆକ୍ଟ ୧୯୫୧ ଧାରା ୧୩୫, ଓଡିଶା ଅବକାରୀ ଆକ୍ଟ ଅନୁଯାୟୀ ସଂପୂର୍ଣ୍ଣରୂପେ ବେନିୟମ ଏବଂ ବେଆଇନ । ସାଧାରଣ ନିର୍ବାଚନରେ ଭୋଟ ହାତେଇବା ପାଇଁ ବିଜେଡି ଲୋକଙ୍କୁ ବିଷାକ୍ତ ମଦ ଏବଂ ଟଙ୍କା ବାଂଟିଛି । ବାଲେଶ୍ୱର ଜିଲ୍ଲା ଲୋକସଭା ସାଂସଦ ରବିନ୍ଦ୍ର ଜେନା ଏବଂ ଚାନ୍ଦବାଲି ବିଧାୟକ ବୋମକେଶ ରାୟଙ୍କ ସମେତ ବିଜେଡି କର୍ମୀମାନେ ମଦମୃତ୍ୟୁରେ ଜୀବନ ହାରିଥିବା ଲୋକଙ୍କୁ ବିଷାକ୍ତ ମଦ ବାଣ୍ଟିବା କଥା ଗଣମାଧମକୁ ସ୍ଥାନୀୟ ବାସିନ୍ଦା ଜଣାଇଛନ୍ତି । ରାଜନୈତିକ ଉଦ୍ଦେଶ୍ୟ ରଖି ଏଥିରେ ସଂପୃକ୍ତ ଥିବା ଶାସକ ବିଜେଡି ଦଳର ନେତା ଏବଂ କର୍ମକର୍ତାମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧୀ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇବା ପରେ ବି ଏଯାବତ ଦୋଷୀଙ୍କୁ ଗିରଫ କରାଯାଇନାହିଁ । ବିଷାକ୍ତ ମଦ ବାଂଟିଥିବା ଘଟଣାରେ ସାମିଲ ଥିବା ଅପରାଧୀଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ସଂପତିକୁ ଜବତ କରିବା ସହ ନିଲାମ କରି ସଂପୃକ୍ତ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବାକୁ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛି ।

ସେହିପରି ଧର୍ମଗଡ, ସୁକିନ୍ଦା ସମେତ ଆଠଗଡର ୯ଟି ବୁଥ ସହ ଶାସକ ବିଜେଡି ଦ୍ୱାରା ଯେଉଁ ୬୮ଟି ବୁଥରେ ବୁଥ ରିଗିଂ ଓ କ୍ୟାପଚରିଂ କରାଯାଇଛି ସେହି ସ୍ଥାନରେ ସାନି ମତଦାନ କରିବା ପାଇଁ ବିଜେପି ଦାବି କରିଥିଲା । କିନ୍ତୁ ରାଜ୍ୟ ନିର୍ବାଚନ ଅଧିକାରୀ ମାତ୍ର ୩୪ଟି ବୁଥରେ ସାନିମତଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୟୁରଭଂଜ ଜିଲ୍ଲାରେ ବାରିପଦାରେ ୪ଟି ଏବଂ ବୋଇସଂହାରେ ୨ଟି ବୁଥରେ କେହି ଅଭିଯୋଗ କରିନଥିଲେ ମଧ ପରିଚାଳନା ତୃଟ୍ରି ଦେଖାଇ ସାନି ମତଦାନ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ବିଜେପି ପ୍ରତିନିଧୀ ଦଳ ଦୃଢ ଭାବେ ବିରୋଧ କରୁଛି ବୋଲି ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି କହିଛନ୍ତି । ନିର୍ବାଚନ ହାରିବା ଭୟରେ ବିଜେଡି ବ୍ୟସ୍ତ ବିବ୍ରତ ହୋଇ ପୋଲିସ ଲଗାଇ ବିରୋଧୀଙ୍କୁ ନାଲିଆଖି ଦେଖାଉଛି । ଗତକାଲି ବରୀ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱରଂଜନ ମଲ୍ଲିକଙ୍କ ଭୁବନେଶ୍ୱର ବାସସ୍ଥାନରେ ସିଇଓଙ୍କ ନାଁ ନେଇ ଅଗଣତାନ୍ତ୍ରିକ ଭାବେ ଯାଜପୁର ପୋଲିସ ପହଂଚି ତାଙ୍କୁ ଖୋଜିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏସଂପର୍କରେ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ପ୍ରତିନିଧୀ ଦଳରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାଷ ଗନ୍ତାୟତ, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ଆବାହାକ ରବିଶଙ୍କର ପଟ୍ଟନାୟକ ଏବଂ ବରୀ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱରଂଜନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଇଭିଏମ ଷ୍ଟ୍ରଙ୍ଗରୁମ କୁ ବେଆଇନ ଭାବେ ଖୋଲିବା ପ୍ରସଙ୍ଗ

ବିଜେପି ପ୍ରାର୍ଥୀଙ୍କ ଅନୁପସ୍ଥିତିରେ କାହିଁକି ଖୋଲାଯାଇଥିଲା ଭୁବନେଶ୍ୱର ଇଭିଏମ ଷ୍ଟ୍ରଙ୍ଗରୁମ : ବିଜେପି

ଭୁବନେଶ୍ୱର, ୧୦/୫ (ଶ୍ରୁ.ମି) : ଗତ ମେ ୮ ତାରିଖରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଜଟଣି, ଏକ୍ରାମ, ଭୁବନେଶ୍ୱର ମଧ୍ୟ ଓ ଉତର, ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଇଭିଏମ ଥିବା ଷ୍ଟ୍ରଙ୍ଗରୁମକୁ ଖୋଲାଯାଇଥିଲା । ବିଜେପି ବିଧାୟକ ପାର୍ଥୀମାନଙ୍କ ଅନୁପସ୍ଥିତିରେ ଏହି ଇଭିଏମ ଷ୍ଟ୍ରଙ୍ଗରୁମ ଖୋଲାଯାଇଥିଲା ଯାହା ଭାରତୀୟ ଜନ ପ୍ରତିନିଧି ଆଇନ ୧୯୫୦ର ଧାରା ୪୯– ଟି ଅନୁସାରେ ବେଆଇନ । ଶାସକ ବିଜୁ ଜନତା ଦଳର ପରାଜୟ ସୁନିଶ୍ଚିନ୍ତ ଥିବାରୁ ଜିଲ୍ଲା ପ୍ରଶାସନ ଶାସକ ଦଳକୁ ଜିତାଇବା ପାଇଁ ଇଭିଏମ ଖୋଲି ଟାମ୍ପରିଙ୍ଗ କରିବା ପାଇଁ ଏହି ଷଡଯନ୍ତ୍ର କରିଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନିରେ ଅଭିଯୋଗ କରିଛନ୍ତି ବିଜେପି ମୁଖପାତ୍ର ଗୋଲକ ମହାପାତ୍ର ।

ଶ୍ରୀ ମହାପାତ୍ର କହିଛନ୍ତି ଯେ ମେ ୭ ତାରିଖରେ ଚିଠି ଜାରି କରି ଜିଲ୍ଲା ପ୍ରଶାସନ ତରବରିଆ ଭାବେ ମେ ୮ ତାରିଖ ସକାଳ ୧୦ଟାରେ ଇଭିଏମ ଖୋଲିବା ପଛରେ ଯର୍ଥାତତା କ'ଣ ରହିଛି ? ଚିଠି ଜାରିକରିବାର ମାତ୍ର କେଇ ଘଂଟା ପରେ ଇଭିଏମ ଷ୍ଟ୍ରଙ୍ଗରୁମଖୋଲିବା ଏକ ବଡ ସନ୍ଦେହ ସୃଷ୍ଟି କରୁଛି । କାହିଁକି ଇଭିଏମ ଷ୍ଟ୍ରଙ୍ଗରୁମ ଖୋଲିବା ପୁର୍ବରୁ ସମସ୍ତ ବିଧାୟକ ଓ ସାଂସଦ ପାର୍ଥୀମାନଙ୍କୁ ଆଗରୁ ସୂଚନା ଦିଆଯାଇନଥିଲା ଏହା ଏକ ବଡ ପ୍ରଶ୍ନ । ଶ୍ରୀ ମହାପାତ୍ର କହିଛନ୍ତି ଯେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରି ତୁରନ୍ତ ଏହି ଘଟଣା ଉପରେ ହସ୍ତକ୍ଷେପ କରି ଜିଲ୍ଲା ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଇଭିଏମ ଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ଦୃଢ ନିଶ୍ଚନ୍ତ କରନ୍ତୁ ।

ମହୁମାଛି ଆକ୍ରମଣ ୬ ଆହତ

ଅନୁଗୋଳ, ୧୦/୫ (ଶ୍ରୁ.ମି) : ଅନୁଗୋଳ ରେଳଷ୍ଟସନ ନିକଟ ରେଳବାଇ କଲୋନୀରେ ଆଜି ମହୁମାଛି ଆକ୍ରମଣରେ ଛୋଟ ପିଲାଠୁ ଆରମ୍ଭ କରି ବଡ଼ଲୋକ ପର୍ଯ୍ୟନ୍ତ ୬ ଜଣ ଆହତ ହୋଇ ଅନୁଗୋଳ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ନେବାରେ ଜଣାପଡ଼ିଛି ରେଳବାଇ କର୍ମଚାରୀ ସୁବାସ ଲେଙ୍କା ଡ଼୍ୟୁଟିସାରି ନିଜ କ୍ୱାଟରକୁ ଫେରୁଥିବା ବେଳେ ପ୍ରଥମେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଏକ ଗଛରେ ବସା ବାନ୍ଧିଥିବା ମହୁମାଛି ଆକ୍ରମଣ କରିଥିଲେ। ପରେ ପରେ ଜଣଙ୍କ ପରେ ଜଣେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତେବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲଥିବା ଜଣାଯାଇଛି।

ସହରର ଜଳ ଯୋଗାଣ ଉପରେ ସଚିବଙ୍କ ସମୀକ୍ଷା

କଟକ, ୧୦/୫ (ଶ୍ରୁ.ମି) : କଟକ ମହାନଗର ନିଗମର ସମସ୍ତ ୱାର୍ଡ ସହିତ ଜିଲ୍ଲାର ୧୪ଟି ଯାକ ବ୍ଲକରେ ବସବାସ କରୁଥିବା ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟାର ସୁଧାର ଆଣିବା ପାଇଁ ବିଭାଗୀୟ ସଚିବ ସଞ୍ଜୀବ ଚୋପ୍ରା ସମୀକ୍ଷା କରିଥିଲେ । ସଚିବ ଶ୍ରୀ ଚୋପ୍ରା କଟକ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବିଦ୍ୟୁତ ସଙ୍କଟର ସମାଧାନକୁ ଗୁରୁତ୍ୱ ଦେବା ସହିତ ତାଙ୍କ ବିଭାଗ ଏଥିପ୍ରତି ଯତ୍ନବାନ ଅଛନ୍ତି ବୋଲି କହିଥିଲେ ହେଁ ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲାପାଳ ସେସବୁକୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । ସଚିବଙ୍କ ନିର୍ଦ୍ଦେଶ କ୍ରମେ ଆଜି ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଏସ ଲକ୍ଷ୍ମୀପତିଙ୍କ ସହିତ ଅଧିକ୍ଷଣ ଯନ୍ତ୍ରୀ ହାଡିବନ୍ଧୁ ବେହେରା, ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଘଡାଇ ଓ ସହକାରୀ ଏବଂ କନିଷ୍ଠ ଯନ୍ତ୍ରୀମାନେ ବିଭିନ୍ନ ଜଳକ୍ଲିଷ୍ଟ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

ମୁଖ୍ୟତଃ ଜଗତପୁର, ସାର୍ତ୍ତୋଳ, ବାଲିସାହି, ମୁକାମେଶ୍ୱରର, ସୁଭଦ୍ରାନଗର ଆଦି ଅଞ୍ଚଳରେ ବିଦ୍ୟୁତ ସଂଯୋଗର ବ୍ୟତିକ୍ରମ ପାଇଁ ସେହିସବୁ ସ୍ଥାନରେ ଜେନେରେଟର ମାଧ୍ୟମରେ ପମ୍ପ ହାଉସଗୁଡିକୁ ସକ୍ରିୟ କରାଯାଉଛି । ଆନ୍ଧ୍ର ସରକାରଙ୍କ ପକ୍ଷରୁ କଟକ ସହରକୁ ପଠାଯାଇଥିବା ୨୦୦ ଓ ୧୬୦ କେଭିଏ ଜେନେରେଟର କାର୍ଯ୍ୟର ସଫଳତା ପରେ ଆଜି ସେସବୁକୁ ପୁରୀ ଓ ଭୁବନେଶ୍ୱରକୁ ପଠାଇଦିଆଯାଇଛି । କଟକ ସହରର ଜଳଯୋଗାଣ ବ୍ୟବସ୍ଥା ଏବେ ସ୍ୱାଭାବିକ ଥିଲେ ହେଁ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଜରୁରୀକାଳୀନ ଭିତ୍ତିରେ ପମ୍ପ ହାଉସଗୁଡିକୁ ବିଦ୍ୟୁତ ବିଚ୍ଛିନ୍ନ ପରେ ବି ସକ୍ରିୟ କରାଯାଉଛି । ଏବେ ସହରରେ ରହିଥିବା ୧୮୯ ପ୍ରଡକ୍ସନ ୱେଲ ମଧ୍ୟରୁ ୧୭୦ଟିକୁ ବିଦ୍ୟୁତ ସଂଯୋଗ କରାଯାଇଛି । ଅବଶିଷ୍ଟ ପ୍ରଡକ୍ସନ ୱେଲଗୁଡିକୁ ଜେନେରେଟର ମାଧ୍ୟମରେ ସକ୍ରିୟ କରାଯାଇଛି ।

କାର ଧକ୍କାରେ ବାଇକ ଚାଳକ ଗୁରୁତର

ଅନୁଗୋଳ , ୧୦/୫ (ଶ୍ରୁ.ମି) : ଅନୁଗୋଳ ଥାନା କୁମଣ୍ଡ ଚଣ୍ଡିବଜାର ପାଖ ବୁଲାଣି ରାସ୍ତାରେ ଏକ କାର ଓ ବାଇକ ମଧ୍ୟରେ ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସାଲାଗି ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣାସ୍ଥଳରେ ହମ୍ପସ ନିର୍ମାଣ ସହ ଆହତ ବାଇକ ଚାଳକଙ୍କୁ କ୍ଷତିପୂରଣ ଦାବୀରେ ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ଫଳରେ କିଛି ସମୟ ଧରି ଏହି ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ଅନୁଗୋଳ ଥାନା ପରତରା ଗ୍ରାମର ନବୀନ ବେହେରାଙ୍କ ପୁଅ ନିରୋଦ ବେହେରା(୨୫) ଆଜି ସକାଳ ପାୟ ୫ଟା ସମୟରେ ବାଇକ (ଓଆର–୦୬–ୟୁ–୩୪୬୦)ରେ ତାଳଚେରକୁ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ବିକକରୀତ ଦିଗରୁ ଏକ (ଓଡ଼ି–୦୨–ଏଡ଼ବ୍ଲୁ–୬୭୮୮) କାର ଆସି ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲଶ। ଏଥିରେ ନିରୋଦ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନିରୋଦଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ ଚଳିତ ମାସରେ ଉକ୍ତ ବୁଲାଣି ରାସ୍ତାରେ ୩–୪ଟି ଦୁର୍ଘଟଣା ଘଟିଲାଣି। ଆଜି ପୁଣି ଏହି ଦୁର୍ଘଟଣା ଘଟିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଏହାର ପ୍ରତିବାଦରେ ରାସ୍ତାରୋକ କରିଥିଲେ। ଅନୁଗୋଳ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

ସେଣ୍ଟ୍ ଜନସ୍ ଅନନ୍ତ ଆମ୍ବୁଲାନସ୍ ଡିଭିଜନ୍ ତାଳଚେର ପକ୍ଷରୁ ପାନୀୟ ଜଳସେବା ଶିବିର

ତାଳଚେର, ୧୦/୫ (ଶ୍ରୁ.ମି) : ସେଂଟ୍ ଜନସ୍ ଅନନ୍ତ ଆମ୍ବୁଲାନସ୍ ଡିଭିଜନ୍ ପକ୍ଷରୁ ତାଳଚେରର ଏମ୍.ସି.ଏଲ୍.ର ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟ ସମ୍ମୁଖରେ ଏକ ପାନୀୟଜଳ ସେବା ଶିବିର ଉଦ୍ଘାଟିତ ହୋଇଯାଇଛି । ଅନୁଷ୍ଠାନର ଡିଭିଜନ୍ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଜି.ବ୍ରହ୍ମପୁରକର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ କ୍ଷେତ୍ରର କାର୍ମିକ ଅଧିକାରୀ ଆଶାଜ୍ୟୋତି,ବରିଷ୍ଠ ଅଧିକାରୀ ବି.ଏନ୍. ସିଂ,ଦିଲିପ୍ କୁମାର, ବିତ ଅଧିକାରୀ ସି.ଆର.ଦାସ,ବି.ଆର. ମଲ୍ଲିକ୍, ଏଲ୍.ପି. ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ତାଳଚେର ଏକ ଖଣି ଅଞ୍ଚଳ ହୋଇଥିବାରୁ ତଥା ଏଠାରେ ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ତାପମାତ୍ରା ବୃଦ୍ଧି ଯୋଗୁଁ ପାନୀୟଜଳ କେନ୍ଦ୍ର ଜରିଆରେ ଜନସାଧାରଣଙ୍କୁ ବଣ୍ଟନ କରିବାର ଆବଶ୍ୟକ ଥିବାର ଅନୁଭବ କରି ଅନୁଷ୍ଠାନ ପକ୍ଷରୁ ଏହି ବନ୍ଦୋବସ୍ତ କରାଯାଇଅଛି । ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଆଗାମୀ ୨ ମାସ ପର୍ଯ୍ୟନ୍ତ ଏହି ଜଳସେବା ଶିବିରରେ ଦୈନନ୍ଦିନ ରାସ୍ତାରେ ଯାଉଥିବା ଜନସାଧାରଣଙ୍କୁ ଲେମ୍ବୁପାଣି, ଓଆରଏସ୍,ଦହି ପାଣି, ଥଣ୍ଡା ପାନୀୟଜଳ ଇତ୍ୟାଦି ବଣ୍ଟନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଉକ୍ତ ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆମ୍ବୁଲାନସ୍ ଅଫିସର ଦିନବନ୍ଧୁ ପ୍ରଧାନ ଓ ପଞ୍ଚ ସାହୁ,ବ୍ରିଗେଡ୍ ସଦସ୍ୟ ଅଞ୍ଜନ ଶତପଥି, ରଣଜିତ୍ ସାହୁ, ଅରବିନ୍ଦ ପ୍ରଧାନ,ଟିକନ ସାହୁ,ବିଭୂତି ଭୂଷଣ ମହାରଣା,ଶୁଭକାନ୍ତ ସ୍ୱାଇଁ, ଚନ୍ଦନ ପ୍ରଧାନ,ବୈକୁଣ୍ଠ ବିହାରୀ ପ୍ରଧାନ, ଶୁଭ୍ରାଂଶୁ ମୋହନ ପ୍ରଧାନ,ଶ୍ରୀକ୍ରୀଷ୍ଣା ସାହୁ, ଜଳଧର ସାହୁ, ହୃଦାନନ୍ଦ ବେହେରା, ସରୋଜ କୁମାର ସାହୁ, ପ୍ରଦୀପ ପ୍ରଧାନ,ସତ୍ୟନାରାୟଣ ପ୍ରଧାନ ଓ ପୃଥିରାଜ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଜଳ ଯୋଗାଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଦନ୍ତା ହାତୀର ଗଳିତ ଶବ ଉଦ୍ଧାର

ଅନୁଗୋଳ , ୧୦/୫ (ଶ୍ରୁ.ମି) : ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର ଜଗନ୍ନାଥପୁର ଗ୍ରାମ ନିକଟ ଜଙ୍ଗଲରୁ ଏକ ଦନ୍ତାହାତୀର ଗଳିତ ଶବ ଉଦ୍ଧାର କରାଯାଇଛି। କିଛି ଜଙ୍ଗଲ ଜଗୁଆଳି ଆଜି ହାତୀର ଗଳିବ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ପରେ ଘଟଣାସ୍ଥଳେ ବନ ଅଧିକାରୀମାନେ ପହଞ୍ଚି ଶବର ପଞ୍ଚନାମା କରିବା ସହିତ ବ୍ୟବଚ୍ଛେଦ କରାଇଛନ୍ତି। ମୃତ ହାତୀର ଦାନ୍ତ ଗୁଡ଼ିକ ସୁରକ୍ଷିତ ଥିବାବେଳେ କେଉଁ ପରିସ୍ଥିତିରେ ଦନ୍ତାର ମୃତ୍ୟୁ ହୋଇଛି ତାହା ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ତେବେ ଆଜକୁ ପ୍ରାୟ ୫/୬ ଦିନ ତଳୁ ହାତୀଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଗତ କିଛିଦିନ ହେଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ଶିକାର ହୋଇ ହାତୀଟି ମୃତ୍ୟୁ ବରଣ କରିଥାଇପାରେ ବୋଲି ଆଶଙ୍କା କରାଯାଉଛି। ବନ ବିଭାଗ ପଶୁ ବିଶେଷଜ୍ଞଙ୍କ ସହାୟତାରେ ବ୍ୟବଚ୍ଛେଦ କରିବା ପରେ ଶବଟିକୁ ମାଟିରେ ପୋତି ଦିଆଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ।

ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇବା ଦାବିରେ ଏସ୍.ୟୁ.ସି.ଆଇ.(ସି) ପକ୍ଷରୁ ବିକ୍ଷୋଭ

SUCI
ଜିଲ୍ଲାପାଳ ଅଫିସ୍ ଘେରାଓ

କଟକ, ୧୦/୫ (ଶ୍ରୁ.ମି) : କଟକ ଜିଲ୍ଲାର ଗରିବ ଜନସାଧାରଣ ତଥା କଟକ ସହରର ବସ୍ତିବାସିନ୍ଦା ଓ ସାହିମାନଙ୍କରେ କୁଡ଼ା ଘରେ ବାସ କରୁଥିବା ଲୋକମାନଙ୍କୁ ତୁରନ୍ତ ଉପଯୁକ୍ତ ରିଲିଫ୍ ଯୋଗାଇବା, କ୍ଷତିଗ୍ରସ୍ତ ଘରମାନଙ୍କର ସଠିକ ସର୍ଭେ କରି ପାଲ ଯୋଗାଇବା, କଟକ ସହର ସମେତ ସମଗ୍ର ଜିଲ୍ଲାରେ ବିଦ୍ୟୁତ୍ ଓ ଜଳ ଯୋଗାଣ ତୁରନ୍ତ ସ୍ୱାଭାବିକ କରିବା, ବସ୍ତିବାସିନ୍ଦାମାନଙ୍କୁ ଘର ଭଙ୍ଗା ସହାୟତା ପରିସର ମଧରେ ଅନ୍ତର୍ଭୁକ୍ତ କରିବା, ବାତ୍ୟାକୁ ଜାତୀୟ ବିପି ଘୋଷଣା କରିବା, କଟକ ଜିଲ୍ଲାକୁ ସଂପୂର୍ଣ୍ଣ ବାତ୍ୟା କ୍ଷତିଗ୍ରସ୍ତ ଘୋଷଣା କରିବା, କଟକ ଜିଲ୍ଲାରେ ମୁଗ, କଦଳୀ, ମାଛ ଓ ପନିପରିବା କ୍ଷୟକ୍ଷତିର ସଠିକ ଭାବରେ ଆକଳନ କରି ଉପଯୁକ୍ତ ସହାୟତା ପ୍ରଦାନ କରିବା, କଟକ ଜିଲ୍ଲାରେ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସର୍ବଦଳୀୟ ରିଲିଫ୍ କମିଟି ଗଠନ କରିବା ଏବଂ ଏଥିପାଇଁ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ଦାବିରେ ଏସ୍.ୟୁ.ସି.ଆଇ.(ସି) ଦଳ ନେତୃତ୍ୱରେ ଶହଶହ ଲୋକ ଏକ ଶୋଭାଯାତ୍ରାରେ ଆସି କଟକ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ କଟକ ସହର ତଥା ଜିଲ୍ଲାର ବିଭିନ୍ନ ଅଂଚଳରୁ ଶହଶହ କ୍ଷତିଗ୍ରସ୍ତ ଲୋକ ଯୋଗ ଦେଇଥିଲେ। ବିକ୍ଷୋଭ ସ୍ଥଳରେ ଏସ୍.ୟୁ.ସି.ଆଇ.(ସି)ର ରାଜ୍ୟ କମିଟି ସଦସ୍ୟ ତଥା କଟକ ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦଳର ଜିଲ୍ଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ଦ ନାୟକ, ଶିବାଶିଷ ପ୍ରହରାଜ, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ସଂଗଠକ ଇଶା ଧର, ଶରତ ବେହେରା, ପରମାନନ୍ଦ ସେଠୀ, ପାଭେଲ ପ୍ରିୟଦର୍ଶନ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ସିପ୍ରା ମହାନ୍ତି, ବୁଦ୍ଧଦେବ ଭୋଇ, ଭାଗିରଥୀ ଭୋଇ, ସ୍ୱାଧିନୀ ବେହେରା, ସରୋଜ ମାନସିଂହ, ରଂଜନ ସାମଲ ଓ ସିଦ୍ଧେଶ୍ୱର ଜେଠୀ ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ଯୋଗାଇବା କ୍ଷେତ୍ରରେ ପ୍ରଶାସନର ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ ଏବଂ ତୁରନ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ ଦାବି କରିଥିଲେ। ଏହି ଶୋଭାଯାତ୍ରାରେ ବସନ୍ଦ ନାୟକ, ସୁକାନ୍ଦ ନାୟକ, ଦିଲିପ ରାଉତ, ଏନ୍.ରାଜୁ, କେଶବ ପା, ପ୍ରଫୁଲ ଦାସ, ପି. ଲିଙ୍ଗରାଜୁ, ବିଷ୍ଣୁ ନାୟକ, ରିନା ମଲ୍ଲିକ, ଧନୀ ସାହୁ, କୀକ ଜେନା, ଦୀନବନ୍ଧୁ ନାୟକ, ଦୁର୍ଗା ଦାସ, ଏସ୍ ନରସିମା, ସଂଜୁ ପା, ଲତା ବାରିକ, ରାଧାରାଣୀ ସାସୁ, ସୁଜାତା ମହାପାତ୍ର, ଅର୍ପୂା ସାହୁ ଓ ସୋରଡା ଆମା ପ୍ରମୁଖ ଯୋଗ ଦେଇଥିଲେ। ବିକ୍ଷୋଭ ସ୍ଥଳରୁ ଏକ ୫ ଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଦାବି ଉପରେ ଆଲୋଚନା କରିଥିଲେ।

ବିଜୁଳି ଓ ପାଣି ପାଇଁ ଡହଳ ବିକଳ ଜଗତପୁରବାସୀ

୫ ଶହରୁ ଉର୍ଦ୍ଧ୍ୱ ବାସିନ୍ଦା କଲେ ଜାତୀୟ ରାଜପଥ ଅବରୋଧ

କଟକ, ୧୦/୫ (ଶ୍ରୁ.ମି) : ବାତ୍ୟା ଫନି ମାଡରେ ଦୋହଲି ଯାଇଛି ଘର ସଂସାର । ବାତ୍ୟା ପରବର୍ତ୍ତୀ ଅବସ୍ଥା ହୋଇଛି ଅଧିକ ପୀଡାଦାୟକ । ପାନୀୟ ଜଳର ଅଭାବ ସହିତ ବିଜୁଳି ବିନା ପ୍ରଚଣ୍ଡ ଗ୍ରୀଷ୍ମରେ ଘରେ ରହିବା ଅସହ୍ୟ ହୋଇପଡିଛି । ପାଣି ମୁନ୍ଦେ ପାଇବା ପାଇଁ ବାର ଦୁଆର ହେଉଥିଲା ବେଳେ ଜିଲ୍ଲା ପ୍ରଶାସନର ଲୁଚକାଳି ଖେଳ ଜଗତପୁର ଅଞ୍ଚଳବାସୀଙ୍କୁ ପରିହାସ ପରି ମନେ ହେଉଛି । କଟକ ଓ ଚୌଦ୍ୱାର ଅଞ୍ଚଳକୁ ବିଜୁଳି ଓ ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯାଉଥିବା ବେଳେ ଜଗତପୁର ଅଞ୍ଚଳଟି କଟକ ମହାନଗର ଅନ୍ତର୍ଗତ ହୋଇଥିଲେ ମଧ ଏହାକୁ ସାବତ ପୁଅ ଭଳି ମନେ କରୁଥିବା ଜଗତପୁରକୁ ରିଲିଫ ସାମଗ୍ରୀ ପହଞ୍ଚନଥିବା ବେଳେ ବସ୍ତି ବାସିନ୍ଦାଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଜରି ପାଲ ଖଣ୍ଡେ ମିଳିନଥିବା ଅଭିଯୋଗ ହୋଇଛି । ଆଜି ୫ ଶହରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଟାଙ୍ଗି –ଚୌଦ୍ୱାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଡ. ଅବିନାଶ ରାଉତଙ୍କୁ ସାକ୍ଷାତ କରି ବାତ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କୁ ଜରି ପାଲ ସହ ରିଲିଫ , ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ଯୋଗାଣ ପାଇଁ ଅନୁରୋଧ କରିଥିଲେ । ଡ. ରାଉତ କହିଲେ ଗତକାଲି ଜିଲ୍ଲାପାଳ କିଛି ପାଲ ଦେଇଥିଲେ , ଯାହାକି ପର୍ଯ୍ୟାପ୍ତ ପରିମାଣର ହୋଇନଥିବାରୁ ସମସ୍ତଙ୍କୁ ଦିଆଯାଇପାରିନାହିଁ । ଜିଲ୍ଲାପାଳଙ୍କୁ ଆଉ କିଛି ଦେବା ପାଇଁ ଅନୁରୋଧ କରାଯାଇଛି । ଆସନ୍ତା ଦୁଇ ଦିନ ମଧରେ ଘର ଭାଙ୍ଗିଥିବା ଅଧିବାସୀମାନଙ୍କୁ ଜରି ପାଲ ଯୋଗାଇ ଦିଆଯିବ ବୋଲି କହିଥିଲେ । ରିଲିଫ, ଜଳ ଯୋଗାଣ ଓ ବିଦ୍ୟୁତ ଯୋଗାଣ ସଂପର୍କରେ ଡ. ରାଉତ ସନ୍ତୋଷଜନକ ଉତ୍ତର ଦେଇପାରିନଥିବାରୁ ଅଞ୍ଚଳବାସୀମାନେ କ୍ଷୁବ୍ଧ ହୋଇ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଦୀର୍ଘ ଏକ ଘଣ୍ଟା ପୂର୍ବତନ କର୍ପୋରେଟର ଦୟାନିଧି ନାୟକଙ୍କ ନେତୃତ୍ୱରେ ପ୍ରବଳ ଖରାରେ ବସ୍ତିବାସିନ୍ଦାଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ଲୋକ ରାସ୍ତାରେ ବସିବା ଦ୍ୱାରା ଉଭୟ ପଟରେ ଶହ ଶହ ଯାନବାହାନ ଅଟକି ରହିଥିଲା । ତହସିଲଦାର ଏସଂପର୍କରେ ଜିଲ୍ଲାପାଳଙ୍କୁ ଜଣାଇବାରୁ ସେ ତତକ୍ଷଣାତ ଉପ ଜିଲ୍ଲାପାଳ ସୁକାନ୍ତ କୁମାର ପ୍ରଧାନଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ । ତହସିଲଦାର ଡ. ରାଉତ ଅବରୋଧକାରୀମାନଙ୍କୁ ବୁଝାସୁଝା କରି ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ପରେ ଆଜି ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ ଯୋଗାଣ ସହ ଆବଶ୍ୟକସ୍ଥଳେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଯେଉଁମାନଙ୍କର ଘର ଭାଙ୍ଗିଛି, ସେମାନଙ୍କୁ ଆସନ୍ତା କାଲି ଜରି ପାଲ ଯୋଗାଇ ଦିଆଯିବ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରାସନ କାର୍ଡଧାରୀମାନଙ୍କୁ ବିନା ମୂଲ୍ୟରେ ମୁଣ୍ଡପିଛା ୫ କେଜି ଚାଉଳ ଓ ୫ ଶହ ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବରୋଧ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସିପି ମାନସ କୁମାର ଗଡନାୟକ, ଜଗତପୁର ଥାନା ଏସଆଇ ପ୍ରମୋଦ କୁମାର ଦାସ, ଚୌଦ୍ୱାର ଥାନା ଅଧିକାରୀ ଯତୀନ୍ଦ୍ର ଦାସ, ମାଲଗୋଦାମ ଥାନା ଅଧିକାରୀ ଓ ଚାଉଳିଆଗଞ୍ଜ ଥାନା ଅଧିକାରୀଙ୍କ ସହିତ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଫନି ଯୋଗୁଁ ନଷ୍ଟ ହୋଇଛି ...

କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀୟ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାକୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଯାଜପୁର , ଜଗତସିଂହପୁର , କଟକ ଓ ଖୋର୍ଦ୍ଧାର କିଛି ଅଂଚଳରେ ୫୦ ପ୍ରତିଶତ କାର୍ଯ୍ୟକ୍ଷମ କରାଯାଇଛି। ଖୋର୍ଦ୍ଧାରେ ୨୮୩ ଟି ପାଇପ୍ ଜଳ ପ୍ରକଳ୍ପ ଥିବା ବେଳେ ସେଥିମଧ୍ୟରୁ ୬୬ ପ୍ରତିଶତ କାର୍ଯ୍ୟକ୍ଷମ କରାଯାଇଛି। ପୁରୀରେ ୯୦ ଟି ପ୍ରକଳ୍ପ ଥିବା ବେଳେ ୨୭.୪ ପ୍ରତିଶତ କାର୍ଯ୍ୟକ୍ଷମ କରାଯାଇଛି ।୭ ଦିନ ମଧ୍ୟରେ କ୍ଷତିଗ୍ରସ୍ତ ୫ଟି ଜିଲ୍ଲାରେ ଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ଗ୍ରାମୀଣ ଅଂଚଳରେ ପାନୀୟ ଜଳ ଯୋଗାଣ କରିବା ପାଇଁ ୫୬୩ ଟି ଟ୍ୟାଙ୍କର ପଠାଯାଇଛି । ୨ ଟି ମୋବାଇଲ ଟ୍ରିଟମେଂଟ ପ୍ଲାଂଟ ମହାକାଳପଡାକୁ ପଠାଯାଇଛି। ଅସ୍ତରଙ୍ଗ ଓ କାକଟପୁରକୁ ଆଉ ୨ ଟି ପଠାଯାଇଛି। ପୁରୀକୁ ଆଉ ୮ଟି ପଠାଯିବ। ଅପରପକ୍ଷରେ ସହରାଂଚଳରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। ସହରାଂଚଳରେ କାର୍ଯ୍ୟ କରୁଥିବା ଟ୍ରିଟମେଂଟ ପ୍ଲାଂଟ ଗୁଡିକୁ ଡିଜି ସାହାଯ୍ୟରେ ଚଳାଯାଉଛି। ପୁରୀ ଜିଲ୍ଲାରେ ୫ ହଜାର ପରିମଳ କର୍ମକର୍ତା କାମ କରୁଛନ୍ତି। ପୁରୀ ଜିଲ୍ଲାର କୃଷ୍ଣପ୍ରସାଦରୁ ଆସିଥିବା ପଶୁ ସମ୍ପଦ ମୃତ୍ୟୁ ଘଟଣାର ଅନୁଧ୍ୟାନ ପାଇଁ ଅଧିକ ଟିମ୍ ପଠାଯାଇଛି। ସମ୍ପୃକ୍ତ ଅଂଚଳରେ ଯେପରି ସଂକ୍ରମଣ ନବ୍ୟାପିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପଠାଯାଇଛି। ସେହିପରି ରାଜ୍ୟ ମୁଖ୍ୟାଳୟ ଓ ପ୍ରଭାବିତ ଜିଲ୍ଲା ମୁଖ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ୍ ରହିଛି। ସବୁ ହସ୍ପିଟାଲ ଗୁଡିକୁ ପ୍ରାଥମିକତା ଭିତିରେ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି।

ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଶ୍ରୀ ସିଂହ କହିଛନ୍ତି ଯେ କଟକ ଓ ଭୁବନେଶ୍ୱରରେ ୩ଟି ବିଦ୍ୟୁତ୍ ଡିଭିଜନ୍ ରହିଛି। କଟକରେ ସିଡିଡିଆଇ–୧ ଅଧୀନରେ ୫୧ ଟି ଲେଭଲ ଫିଡର ରହିଛି। ୪୨ ଟି ୧୧ କେଭି ଫିଡର କାମ କରୁଛି। ଅବଶିଷ୍ଟକୁ ଆଜି ରାତି ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ। ଏହି ଡିଭିଜନ ଅଧୀନରେ ୭୨ ହଜାର ବିଦ୍ୟୁତ୍ ଗ୍ରାହକ ରହିଛନ୍ତି। ୬୫ ହଜାର ଗ୍ରାହକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ସିଡିଡି – ୨ ରେ ୪୪ଟି ୧୧ କେଭି ଫିଡର ରହିଛି। ୨୩ଟି ଫିଡର କାମ କରୁଛି। ୪୩ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯାଗାଣ କରାଯାଉଛି। ଅବଶିଷ୍ଟ ଲୋକଙ୍କୁ ଆଗାମୀ ୨ ଦିନ ମଧ୍ୟରେ ବିଦ୍ୟୁତ୍ ଯୋଗାଣ କରାଯିବ। ସିଡି ରେ ୩୩କେଭି ଫିଡର ନଷ୍ଟ ହୋଇଯାଇଛି। ୯୦ ହଜାର ଗ୍ରାହକ ଏହା ଅଧୀନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ହଜାର ଗ୍ରାହକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅବଶିଷ୍ଟଙ୍କୁ ୧୫ ତାରିଖ ସୁଦ୍ଧା ଯୋଗାଇ ଦିଆଯିବ। ସେହିପରି ଭୁବନେଶ୍ୱର–୧ ରେ ୪୪ ଟି ଫିଡର ରହିଛି। ୩୭ ହଜାର ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ଆଜି ରାତି ସୁଦ୍ଧା ୧୫ ହଜାରଙ୍କୁ ଦିଆଯିବ। ଭୁବନେଶ୍ୱର ୨ ରେ ୪୫ ଟି ଫିଡର କାର୍ଯ୍ୟକ୍ଷମ ହୋଇଛି।୯୭ ହଜାର ବିଦ୍ୟୁତ୍ ଗ୍ରାହକ ମଧ୍ୟରୁ ୬୫ ହଜାରଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଆଜି ଆଉ ୨୦ ହଜାରଙ୍କ ଯୋଗାଇ ଦିଆଯିବ। ଭୁବନେଶ୍ୱର –୩ ରେ ୨୧ ଟି ୧୧ କେଭି ଫିଡର ରହିଛି। ୩୪ ହଜାରଙ୍କୁ ବିଦ୍ୟୁତ୍ ଦିଆଯାଇଛି। ଆଜି ରାତିରେ ୨୦ ହଜାର ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯିବ। ଭୁବନେଶ୍ୱର ଉପକଣ୍ଠ ଅଂଚଳ ଗୁଡିକୁ ବିଦ୍ୟୁତ୍ ଯୋଗାଇବାକୁ ଅଧିକ ସମୟ ଲାଗି ପାରେ। ୨୬୦ ଜଣ ଆଇଟିଆଇ ପିଲାଙ୍କ ସମେତ ୨୪ ଜଣ ଇନଷ୍ଟ୍ରକ୍ଟର ମାନଙ୍କୁ ନିୟୋଜିତ କରାଯାଇଛି। ଭୁବନେଶ୍ୱର ସହରରେ ସେମାନେ ସ୍ୱେଚ୍ଛାକୃତ ଭାବେ ପ୍ରତି ଘରକୁ ଯାଇ ବିଦ୍ୟୁତ୍ ମରାମତି କରୁଛନ୍ତି। ୫ ଦିନ ପର୍ଯ୍ୟନ୍ତ ଏହି ପ୍ରକିୟା ଚାଲିବ। ଭୁବନେଶ୍ୱର ପାଇଁ ୭୫ ଜଣ ଲାଇନ୍ ମ୍ୟାନ୍ ନିୟୋଜିତ କରାଯିବ ଶ୍ରୀ ସିଂହ କହିଛନ୍ତି।

ଭାରତୀୟ ଇସ୍ପାତ ପ୍ରାଧିକରଣ ସଂସ୍ଥା
ରାଉରକେଲା ଇସ୍ପାତ କାରଖାନା
ରାଉରକେଲା–୭୬୯୦୧୧, ଓଡିଶା, ଭାରତ

ଓଡ଼ିଶାର ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ରାଉରକେଲାର ସେକ୍ଟର ୧୯ ଠାରେ ଇସ୍ପାତ ପୋଷ୍ଟ ଗ୍ରାଜୁଏଟ ଇନ୍ଷ୍ଟିଚ୍ୟୁଟ ଓ ସୁପର ସ୍ପେସାଲିଟି ହସ୍ପିଟାଲ ନିର୍ମାଣ

ସର୍ବସାଧାରଣ ବିଜ୍ଞପ୍ତି

ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ (ସେଲ) ପରିଚାଳିତ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଓଡିଶାର ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ରାଉରକେଲାର ସେକ୍ଟର ୧୯ଠାରେ ଇସ୍ପାତ ପୋଷ୍ଟ ଗ୍ରାଜୁଏଟ ଇନ୍ଷ୍ଟିଚ୍ୟୁଟ ଓ ସୁପର ସ୍ପେସାଲିଟି ହସ୍ପିଟାଲ ନିର୍ମାଣ ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ମସିହା ଫେବୃଆରୀ ୨୫ ତାରିଖରେ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି । ଉକ୍ତ ପରିବେଶ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର କାର୍ଯ୍ୟାଳୟ ଏବଂ ଏମ.ଓ.ଇ.ଏଫ.ସି.ସି. ୱେବସାଇଟ http:/envfor.nic.inରେ ଉପଲବ୍ଧ ରହିଛି ।

ତାରିଖ : ୬ ମାର୍ଚ୍ଚ ୨୦୧୯
ସ୍ଥାନ : ରାଉରକେଲା

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ
ନିର୍ଦ୍ଦେଶକ (ଚିକିତ୍ସା ଓ ସ୍ୱାସ୍ଥ୍ୟସେବା)

ପଞ୍ଜୀକୃତ କାର୍ଯ୍ୟାଳୟ: ଇସ୍ପାତ ଭବନ, ଲୋଦି ରୋଡ, ନୂଆ ଦିଲ୍ଲୀ–110 003
Corporate Identity Number : L27109DL1973GOI006454, Website: www.sail.co.in

ପ୍ରତ୍ୟେକଙ୍କ ଜୀବନ ସହ ଯୋଡି ହୋଇ ରହିଛି ସେଲ